ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୬ ନଭେମ୍ବର, ୨୦୨୦



## ଆତ୍ମସୁରକ୍ଷା ତାଲିମ କେନ୍ଦ୍ର ଉଦ୍‌ଘାଟିତ

**ଦେଓଗାଁ:** ବଲାଙ୍ଗୀର ଜିଲା ଦେଓଗାଁ ମିନିଷ୍ଟାଡିୟମରେ ବୁଧବାର ଆତ୍ମ ସୁରକ୍ଷା ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ବଦ୍ରୀନାଥ ହୋତାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା ଯୋଗଦେଇ ତାଲିମ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ନାରୀସମାଜ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାରକୁ ନଜରରେ ରଖି ଛାତ୍ର ସମୟରୁ ଆତ୍ମସୁରକ୍ଷା ତାଲିମର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଭୋଲାନାଥ ସାହୁ, ଘନଶ୍ୟାମ ନନ୍ଦ, ହନକ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

# ସଂକ୍ଷେପରେ

## ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ସ୍ମାରକପତ୍ର ପ୍ରଦାନ

**ବରପାଲି, ୨୫।୧୧(ଡି.ଏନ.ଏ.):** ବରଗଡ ଜିଲା ବରପାଲି ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଡେପୁଟେସନ ଡାକ୍ତରରେ ବରପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆଗଲପୁର, କୁମ୍ଭାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ନାହାନ୍ତି। କୋଭିଡ ମହାମାରୀ ସମୟରେ ଲୋକେ ଆର୍ଥିକ ଦୁର୍ଗତି ଦେଇ ଗତି କରୁଥିବା ବେଳେ ଡାକ୍ତର ଅଭାବ ଲୋକଙ୍କ ସ୍ୱାସ୍ଥ୍ୟସେବା ଉପରେ ଗଭୀର ପ୍ରଭାବ ପକାଇଛି। ସମ୍ବଳର ଘୋର ଅଭାବ ରହିଥିବା ବେଳେ ସେମାନେ ବାଧ ହୋଇ ଜିଲା ତଥା ଘରୋଇ ହସ୍ପିଟାଲକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଗତ ସାଧାରଣ ନିର୍ବାଚନ ଏବଂ ବିଜେପୁର ଉପନିର୍ବାଚନ ବେଳେ ବିଜେଡି ସରକାର ଏହି ଅଞ୍ଚଳର ସ୍ୱାସ୍ଥ୍ୟସେବା ଉପରେ ବିଶେଷ ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏବେ ଏହା ପାଣିର ଗାର ସଦୃଶ ହୋଇଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବରିଷ୍ଠ କଂଗ୍ରେସ ନେତା ଦିଲୀପ ପଣ୍ଡା ବୁଧବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବରପାଲି ବିଡିଓଙ୍କୁ ବୁଧବାର ପ୍ରଦାନ କରିଛନ୍ତି। ଏହି ଅବସରରେ ବହୁ କଂଗ୍ରେସ ନେତା ସାମିଲ ଥିଲେ ।

## ଅବସରପ୍ରାପ୍ତ ଡିଏଫ୍‌ଓଙ୍କ ପରଲୋକ

**ସମ୍ବଲପୁର, ୨୫।୧୧ (ବ୍ୟୁରୋ):** ଅବସରପ୍ରାପ୍ତ ଡିଏଫଓ ଦ୍ୱାରିକାନାଥ ବେହେରାଙ୍କ(୯୫) ପରଲୋକ ଘଟିଛି। ସମ୍ବଲପୁର ରାଜଘାଟଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପୁତ୍ର ସତ୍ୟନାରାୟଣ ବେହେରା ମୁଖାଗ୍ନି ଦେଇଥିଲେ । ରେଢ଼ାଖୋଲ ପୋଡବଲଣ୍ଡା ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଦ୍ୱାରିକାନାଥ ସମ୍ବଲପୁର, ଚେନ୍ନାଇର କୋଇମ୍ବାଟୁରଠାରେ ଉଚ୍ଚ ଶିକ୍ଷା ଗ୍ରହଣ କରିଥିଲେ । ଆଠମଲ୍ଲିକ, ଖରିଆର ରୋଡ, ଅନୁଗୋଳ, ସମ୍ବଲପୁରଠାରେ ସେ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ବନ କର୍ମଚାରୀଙ୍କ ସମେତ ଜିଲା ସ୍କୁଲର ୧୯୪୫ ମସିହା ମାଟ୍ରିକ ବ୍ୟାଚ ପକ୍ଷରୁ ଶୋକପ୍ରକାଶ କରାଯାଇଛି ।

## ନାରୀ ନିର୍ଯାତନା ଉପରେ ସଚେନତତା କର୍ମଶାଳା

**ଦେଓଗାଁ, ୨୫।୧୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଲୋକଉନ୍ନତି ସଂଗଠନ ତରଫରୁ ଲିଙ୍ଗଭିତ୍ତିକ ଅପରାଧ ଉପରେ ୧୬ ଦିନିଆ ସଚେତନତା କର୍ମଶାଳା ଅବସରରେ ପ୍ରଥମ ଦିବସରେ ଡୁମେରପିଟା ପଞ୍ଚାୟତ ସତୀଘାଟରେ ବୁଧବାର ନାରୀ ନିର୍ଯାତନା ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସଂଗଠନର ବ୍ଲକ ସଂଯୋଜକ ପୀତାମ୍ବର ପଧାନଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜନସାଥୀ ବିଦ୍ୟାଧର ଜାଲ ଓ ସୁଶୀଲ ନନ୍ଦ ଯୋଗଦେଇଥଇଲେ। ଗ୍ରାମାଞ୍ଚଳରୁ ନାରୀ ନିର୍ଯାତନା କିଭଳି ଦୂର କରାଯାଇ ପାରିବ ତାହା ଉପରେ କର୍ମଶାଳାରେ ସଚେତନତା କରାଯାଇଥିଲା। ପରେ ଉପସ୍ଥିତ ସ୍ୱୟଂ ସହାୟକ ଦଳର ସଦସ୍ୟା ଓ ଗ୍ରାମର ଭଦ୍ରବ୍ୟକ୍ତିଙ୍କୁ ନେଇ ଏକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଡିସେମ୍ବର ୧୬ ତାରିଖରେ ସମ୍ପନ୍ନ ହେବ।

## ବୁଢ଼ାରଜା ପାହାଡ ସବୁଜିମାରେ ଋଷି ପାତ୍ରଙ୍କ ଭୂମିକାକୁ ମନେ ପକାଇଲେ

**ସମ୍ବଲପୁର, ୨୫।୧୧ (ବ୍ୟୁରୋ):** ଲଣ୍ଡା ହୋଇ ପଡିଥିବା ସମ୍ବଲପୁର ବୁଢ଼ାରଜା ପାହାଡ ସବୁଜିମା ଲାଗି ପ୍ରକୃତିବନ୍ଧୁ ଋଷି ପାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ତାଙ୍କ ଉଦ୍ୟମରେ ସହରରେ ବିଭିନ୍ନ ଅଞ୍ଚଳରୁ ଜନସାଧାରଣ ଏକଜୁଟ ହୋଇ ଉକ୍ତ ପାହାଡରେ ବୃକ୍ଷରୋପଣ କରିଥିଲେ। ସେଥିପାଇଁ ଆଜି ବୁଢ଼ାରଜା ପାହାଡ ବୃକ୍ଷରାଜିରେ ପରିପୂର୍ଣ୍ଣ ହୋଇଛି। ବୁଧବାର ସମ୍ବଲପୁର ବୁଢ଼ାରଜା ବନ ସଂରକ୍ଷଣ ସମିତି ଆୟୋଜିତ ପ୍ରକୃତି ବନ୍ଧୁ ଋଷି ପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀରେ ବକ୍ତାମାନେ ଏହି ମତ ପୋଷଣ କରିଛନ୍ତି। ଅଇଁଠାପାଲି ମଝିପଡା ଶିବ ମନ୍ଦିର ପ୍ରାଙ୍ଗଣରେ ସଭାପତି ମେଘୁ ମୁଣ୍ଡାଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ କାର୍ତ୍ତିକ ପ୍ରସାଦ ବହିଦାର, ପ୍ରକୃତିବନ୍ଧୁ ତ୍ରିବିକ୍ରମ ପୋଢ଼, ନାରାୟଣ ଚକ୍ରବର୍ତ୍ତୀ, ଲକ୍ଷ୍ମୀ ତାଣ୍ଡିଆ, ଦୟାନିଧି ଲାକ୍ରା, ଅଶୋକ ପଟେଲ, ଭବାନୀ ମୁଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବାସନ୍ତୀ ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅସ୍ତ୍ରୋପଚାର ବେଳେ ଚାଲିଗଲା ଜୀବନ

**ବରଗଡ଼ ଅଫିସ,୨୫।୧୧**



ମହିଳାଙ୍କ ମୃତ୍ୟୁ ପରେ ଜିଲା ମୁଖ୍ୟ ଡାକ୍ତରଖାନାରେ ପୋଲିସ ମୁତୟନ ।

- ମା' ସହ ଗର୍ଭସ୍ଥ ଶିଶୁ ମୃତ
- ଡାକ୍ତରଖାନାରେ ଚାପା ଉତ୍ତେଜନା
- ଏତଲା ଦେଲେ ମୃତାଙ୍କ ସ୍ୱାମୀ
- କାର୍ଯ୍ୟାନୁଷ୍ଠାନ ହେବ: ସିଡ଼ିଏମ୍‌ଓ

ବରଗଡ଼ ସହର ଉପଖଣ୍ଡ ଖେଦାପାଲିସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନା ଅସ୍ତ୍ରୋପଚାର କକ୍ଷରେ ବୁଧବାର ଜନୈକା ଆସନ୍ନ ପ୍ରସବାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ଜଣକ ହେଲେ ବରଗଡ଼ ହାଟପଦା ନିକଟ ମନାବନ୍ଧପଡ଼ାର ରେଖା ମଲିକ(୩୦)। ତେବେ ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଖେଦାପାଲି ଜିଲା ମୁଖ୍ୟ ଡାକ୍ତରଖାନା ଏବଂ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି)ରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତା ମହିଳାଙ୍କ ସ୍ୱାମୀ ମାନସ ମଲିକ ଘଟଣାକୁ ନେଇ ଖେଦାପାଲି ଜିଲା ମୁଖ୍ୟ ଡାକ୍ତରଖାନା ଫାଣ୍ଡିରେ ଏତଲା ଦେଇଛନ୍ତି। ଏତଲା ପାଇବା ପରେ ପୋଲିସ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରେ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ କରାଇବା ସହିତ ତଦନ୍ତ କରୁଛି।

ପ୍ରକାଶ ଯେ, ବୁଧବାର ସକାଳେ ରେଖାଙ୍କ ପ୍ରସବ ବେଦନା ହୋଇଥିଲା। ପୂର୍ବାହ୍ନ ପ୍ରାୟ ୮ଟାରେ ସେ ଖେଦାପାଲିସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସିଥିଲେ। ଅସ୍ତ୍ରୋପଚାର କରାଯିବ କହି ଡାକ୍ତରମାନେ ତାଙ୍କୁ ଦିନ ପ୍ରାୟ ସାଢ଼େ ୯ଟାରେ ଜିଲା ମୁଖ୍ୟ ଡାକ୍ତରଖାନାର ଅସ୍ତ୍ରୋପଚାର କକ୍ଷକୁ ନେଇଥିଲେ ଏବଂ ସେଠାରେ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ଡାକ୍ତର ସେବକ ମେହେର, ଡାକ୍ତର ସତ୍ୟସାଇ ନାଏକ ଉପସ୍ଥିତ ଥିଲେ। ତେବେ ଅସ୍ତ୍ରୋପଚାର କକ୍ଷରେ ରେଖାଙ୍କ ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମଓ) ଡା. ଅରୁଣ ପାତ୍ର କହିଛନ୍ତି, ଏହା ଦୁଃଖଦ ଘଟଣା ଏବଂ ଏହାର ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୃତ ମହିଳାଙ୍କ ସ୍ୱାମୀ ମାନସଙ୍କ ଏତଲାକୁ ଭିତ୍ତିକରି ଭଟଲି ଥାନାରେ ଦଫା ୩୦୨, ୩୪ରେ ଏକ ମାମଲା(ନଂ.୨୨୮/୨୦) ରୁଜୁହୋଇଛି ।

# ନଜୁଲ ପ୍ରଜା ଜମି ସ୍ଥିତିବାନ କରିବାକୁ ସ୍ମାରକପତ୍ର

**କେସିଙ୍ଗା,୨୫।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳରେ ଲୋକେ ଦୀର୍ଘଦିନରୁ ବସବାସ କରି ଆସୁଛନ୍ତି। ସେମାନେ ଏନଏସି ଓ ପୌରାଞ୍ଚଳ ଅଧୀନ ଜମିରେ ଘର କରି ରହିଛନ୍ତି । ହେଲେ ସେହି ଲୋକମାନଙ୍କୁ ନଜୁଲ ପ୍ରଜା ଭାବେ ଗଣତି କରାଯାଉଛି। ଏ ନେଇ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଭବାନୀଶଙ୍କର ନିଆଲ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ନଜୁଲ ପ୍ରଜାଙ୍କୁ ସ୍ଥିତିବାନ କରିବା ପାଇଁ ଗୃହମନ୍ତ୍ରୀ ମିଶ୍ର ରାଜସ୍ୱ ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ।

ସହରାଞ୍ଚଳରେ ଥିବା ଉପଯୋଗୀ ଘରକୁ ରାଜ୍ୟ ସରକାର ୧୯୯୨ରେ ନଜୁଲ ପ୍ରଜା ବୋଲି ଘୋଷିତ କରିଥିଲେ। ୧୯୯୫-୯୬ ସେଟେଲମେଣ୍ଟ ସମୟରେ ଲୋକଙ୍କ ପ୍ରଜାପଟ୍ଟା ଥିବା ସତ୍ତ୍ୱେ ସ୍ଥିତିବାନ ପଟ୍ଟା ପ୍ରଦାନ କରାଯାଇନାହିଁ । ଇତିମଧ୍ୟରେ ୧୦ବର୍ଷ ବିତିଛି । ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି । ସମଗ୍ର ଜିଲାର କେସିଙ୍ଗା, ଭବାନୀପାଟଣା, ଜୁନାଗଡ଼ ଓ ନର୍ଲା ତଥା ଓଡ଼ିଶାର ବହୁ ସହରାଞ୍ଚଳରେ ନଜୁଲ ପ୍ରଜା ପଟ୍ଟା ଜମି ଲେଖାଯାଇଥିବାରୁ ସେହି ପ୍ଲଟ୍‌କୁ ଅନ୍ୟ ଲୋକଙ୍କୁ ହସ୍ତାନ୍ତର କରିବାରେ ଘୋର ସମସ୍ୟା ସୃଷ୍ଟି ହେଉଛି। ଦାଖଲ ଖାରଜ, ଘରବାରି କରିବା, ମିଉଟେଶନ, ବ୍ୟାଙ୍କରେ ଋଣ କରିବାରେ ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉପରୋକ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ୨୦୦୯, ୨୦୧୦ ଓ ୨୦୧୪ରେ ଏକ ସଂଶୋଧନ ବିଲ ଆଣିଥିଲେ । ଯାହାଫଳରେ ପ୍ରଜାମାନେ ନିଜସ୍ୱ ନଜୁଲ ପଟ୍ଟାକୁ ପରିବର୍ତ୍ତନ କରି ସ୍ଥିତିବାନ କରିପାରିଥାନ୍ତେ । ହେଲେ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ । ସୂଚନା ଅନୁଯାୟୀ, ଜିଲାର ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକେ ସ୍ଥିତିବାନ ପଟ୍ଟା ପାଇବାରୁ ବଞ୍ଚିତ ହେଉଛନ୍ତି । ସେହିପରି ଓଡିଶାର ୩୦ଟି ଜିଲାରେ ପ୍ରାୟ ୧ଲକ୍ଷରୁ ଉର୍ଦ୍ଧ୍ୱ ପ୍ରଜା ମଧ୍ୟ ସ୍ଥିତିବାନ ପଟ୍ଟା ପାଇନାହାନ୍ତି ।



ପାତାଳୀ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉମାନେ ଲକ୍ଷ୍ମୀନାରାୟଣ ବେଶରେ ସଜ୍ଜିତ ହୋଇଛନ୍ତି।

# ଶ୍ରୀଜୀଉଙ୍କ ଲକ୍ଷ୍ମୀନାରାୟଣ ବେଶ

**ଉଲୁଣ୍ଡା, ୨୫।୧୧(ଡି.ଏନ.ଏ,)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇସ୍ଥିତ ପାତାଳୀ ଶ୍ରୀକ୍ଷେତ୍ରରେ ବୁଧବାର ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ ସମ୍ପନ୍ନ ହୋଇଛି। କୋଭିଡ-୧୯ ଗାଇଡଲାଇନ ସର୍ତ୍ତାବଳୀ ଅନୁସାରେ କାର୍ତ୍ତିକ ଶୁକ୍ଳ ଏକାଦଶୀ ପଞ୍ଚୁକର ପ୍ରଥମ ଦିବସରେ ଶ୍ରୀଜୀଉଙ୍କର ଏହି ବେଶର ଆୟୋଜନ କରାଯାଇଥିଲା। ବେଶକାରୀ ଚିତ୍ତରଞ୍ଜନ ପାଢ଼ୀ, ଗୁଣାକାର ପଣ୍ଡା ଓ ଅନିରୁଦ୍ଧ ପାଢ଼ୀଙ୍କ ତତ୍ତ୍ୱାବଧାନରେ ସକାଳ ସାଢ଼େ ୪ଟାରେ ଦ୍ୱାର ଫିଟା, ସୂର୍ଯ୍ୟଅର୍ଘ୍ୟ, ଦ୍ୱାରପାଳ ପୂଜା, ସକାଳ ୬ଟାରେ ସ୍ନାନନୀତି, ମଙ୍ଗଳ ଆରତୀ, ପଞ୍ଚୁକ ଆଳତୀ ଓ ଭୋଗ ପରେ ଶ୍ରୀଜୀଉଙ୍କ ବେଶ କାର୍ଯ୍ୟ ଅନୁକୂଳ କରାଯାଇଥିଲା। ଏଥିରେ ଶ୍ରୀଭୂଜ, ଶ୍ରୀପୟର, କିରୀଟ, ମକର କୁଣ୍ଡଳ, ନାକଚଣା, ଚିତା, ଆଡକାନୀ, ଝୁମ୍ପା, ଅଧରମାଳ, ହୃଦମାଳ, ପୟରମାଳ ଆଦି ଶ୍ରୀଜୀଉଙ୍କ ଅଙ୍ଗରେ ଲାଗି କରାଯାଇଥିଲା। ଟ୍ରଷ୍ଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ତତ୍ତ୍ୱାବଧାନରେ ସୁଭଦ୍ରାବାହିନୀ ସଦସ୍ୟଙ୍କ ସହିତ ସୁଧୀର ପୁରୋହିତ, ପ୍ରଦ୍ୟୁମ୍ନ ପାଢ଼ୀ, ଚନ୍ଦନ ପାଢ଼ୀ, ଜଗନ୍ନାଥ ହୋତା, ରାଧେଶ୍ୟାମ ପାଢ଼ୀ ଓ କାଳିଆ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲାପାଳଙ୍କ ଅଫିସ୍ ଘେରିଲେ ଆଦିବାସୀ

**ବଲାଙ୍ଗୀର ଅଫିସ, ୨୫।୧୧**



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ଆଦିବାସୀ କଲ୍ୟାଣ ସଂଘ କର୍ମକର୍ତ୍ତା।

ଆଦିବାସୀମାନଙ୍କ ପ୍ରତି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଚରମ ଅବହେଳା ପ୍ରତିବାଦରେ ବୁଧବାର ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଘେରାଉ କରାଯାଇଥିଲା। ଆଦିବାସୀମାନେ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ୨୦୨୧ ମସିହାରେ ହେବାକୁ ଥିବା ଜନଗଣନା ସର୍ଭେରେ ଧର୍ମକୋଡ କଲମରେ ଆଦିବାସୀ ଧର୍ମ ଅନ୍ତର୍ଭୁକ୍ତ କରିବା, ଅନ୍‌ଲାଇନ ଶିକ୍ଷାରୁ ବଞ୍ଚିତ ହେଉଥିବା ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଗରିବ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ମୋବାଇଲ ଫୋନ ସରକାର ଯୋଗାଇ ଦେବାକୁ ଦାବି କରାଯାଇଥିଲା। ଆଦିବାସୀଙ୍କ ଅର୍ଥନୈତିକ ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ମଞ୍ଜୁର, ବିନାସୁଧରେ ବ୍ୟାଙ୍କଋଣ ପ୍ରଦାନ, ଆଦିବାସୀଙ୍କୁ ବିସ୍ଥାପନ କରିବା ବନ୍ଦ କରିବା, ଠିକା ନିଯୁକ୍ତିରେ ସଂରକ୍ଷଣ ଆଇନ ଲାଗୁ କରିବା, ଓଡିଶା ଭୂସଂସ୍କାର ଆଇନ ଅନୁସାରେ ଅଣଆଦିବାସୀମାନଙ୍କ ଅକ୍ତିଆରରେ ଥିବା ଆଦିବାସୀ ଜମି ଫେରସ୍ତ ଆଦି ୨୫ ଦଫା ସମ୍ବଳିତ ସ୍ମାରକପତ୍ର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ବ୍ରଜକିଶୋର ସିଂଭୋଇ, ମୁଖ୍ୟ ଉପଦେଷ୍ଟା ସତ୍ୟନାରାୟଣ ଭୋଇ, ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ମହାସଚିବ ନିରଞ୍ଜନ ବିଶି, ବ୍ଲକ୍ ସଭାପତି ବଳଦେବ ଭୋଇ, କାହ୍ନୁ ଚରଣ ପ୍ରଧାନ, ନିମାଇଁ ଝାଙ୍କର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଜିଲାପାଳ ଚଞ୍ଚଳ ରାଣା ଆଦିବାସୀ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ ।

## ଜେଏନୟୁ ପ୍ରବେଶିକା ପରୀକ୍ଷାରେ କଳାହାଣ୍ଡି ଛାତ୍ରଙ୍କ ସଫଳତା

**ଭବାନୀପାଟଣା,୨୫।୧୧(ଡି.ଏନ.ଏ.)**

ଜେଏନୟୁ (ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ)ରେ ପଢିବା ଲାଗି ଦେଇଥିବା ପ୍ରବେଶିକା ପରୀକ୍ଷାରେ କଳାହାଣ୍ଡି ଜିଲାର ଛାତ୍ର କୃତିତ୍ୱ ହାସଲ କରିଛନ୍ତି। ସେ ହେଲେ ଜୟପାଟଣା ବ୍ଲକ ଅନ୍ତର୍ଗତ ବଡପୁଜାରୀଗୁଡାର ଭୋଳେଶ୍ୱର ନାଏକ । ସେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଭବାନୀପାଟଣା ତଥା ବର୍ତ୍ତମାନ କଳାହାଣ୍ଡି ବିଶ୍ୱବିଦ୍ୟାଳୟରୁ ସ୍ନାତକ



ପାସ କରିଛନ୍ତି। ଜେଏନ୍‌ୟୁ ରାଜନୀତି ବିଜ୍ଞାନ ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷା ସର୍ବଭାରତୀୟସ୍ତରରେ ଅନୁସୂଚିତ ଜନଜାତିରେ ପ୍ରଥମ ର୍‍ୟାଙ୍କ ରଖି ସଫଳତା ପାଇଛନ୍ତି। ଜେଏନୟୁ ବିଶ୍ୱବିଦ୍ୟାଳୟରେ ପଢିବା ସୁଯୋଗ ପାଇଥିବାରୁ ରାଜ୍ୟ ବିଜୁ ଛାତ୍ର ଜନତା ଦଳର କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର ଉଭୟଙ୍କ କୃତିତ୍ୱ ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଆର୍‌ଆଇ ଅଫିସ୍ ଗୃହକାମ ଅଧାପନ୍ତରିଆ

**ଅତାବିରା, ୨୫।୧୧ (ଡି.ଏନ.ଏ)**

ବରଗଡ ଜିଲା ଭେଡେନ ତହସିଲ ଅଧୀନ ଦେଶଭଟିଲି ରାଜସ୍ୱ କାର୍ଯ୍ୟାଳୟର ନୂତନ କୋଠା ଘର ନିର୍ମାଣ ପାଇଁ ୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇ କାମ ଆରମ୍ଭ ହୋଇଥିଲା। ୩ ବର୍ଷ ବିତିଯାଇଥିଲେ ମଧ୍ୟ ଏହି କାମ ଅଧାପନ୍ତରିଆ ହୋଇ ପଡିରହିଛି। ଫଳରେ ଡାଲବ ହାଟପଦାଠାରେ ଥିବା ବନ୍ୟା ଆଶ୍ରୟସ୍ଥଳୀର ବିପଦସଙ୍କୁଳ କୋଠାଘରେ ଅଫିସ କାମ ଚାଲିଛି। ଏ ବିଷୟରେ ଦେଶଭଟିଲି ଆର୍‌ଆଇ ରଙ୍କମଣି ଲୁହାଙ୍କୁ ପଚରାଯିବାରୁ ନୂତନ ଆର୍‌ଆଇ ଅଫିସ ନିର୍ମାଣ ଚାଲିଛି । କାମ ସମ୍ପୂର୍ଣ୍ଣ ହେଲେ ଅଫିସ ସ୍ଥାନାନ୍ତର ହେବ ବୋଲି କହିଥିଲେ ।

## ରେଳପଥ ନିରାପତ୍ତା କର୍ମଚାରୀ ପୁରସ୍କୃତ

**ସମ୍ବଲପୁର, ୨୫।୧୧(ବ୍ୟୁରୋ)**

ସମ୍ବଲପୁର ରେଳ ମଣ୍ଡଳ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ଲୋକୋ ପାଇଲଟ୍ ବଶିଷ୍ଠ କୁମାରଙ୍କୁ ପୁରସ୍କୃତ କରାଯାଇଛି। ରେଳ ଚଳାଚଳରେ ସଜାଗ ଓ ନିରାପତ୍ତା ପ୍ରତି ତାଙ୍କର କର୍ତ୍ତବ୍ୟନିଷ୍ଠାକୁ ଦୃଷ୍ଟିରେ ରଖି ରେଳ ପ୍ରବନ୍ଧକ ପ୍ରଦୀପ କୁମାର ନଗଦ ଅର୍ଥରାଶି ଓ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସଞ୍ଜୟ କୁମାର ଓ ସହାୟକ ମଣ୍ଡଳ ଯାନ୍ତ୍ରିକ ଇଂ. କାର୍ତ୍ତିକେୟ ଶ୍ରୀବାସ୍ତବ ଏହି ଅବସରରେ ଉପସ୍ଥିତ ଥିଲେ।

# ମା'ବାପା ଆସିବା ପରେ ସ୍ୱଧାର ଗୃହରୁ ଘରକୁ ଗଲେ ପୀଡ଼ିତା

**ଭବାନୀପାଟଣା, ୨୫।୧୧ (ଡି.ଏନ.ଏ.)**

**ଆବାସ ଗୃହ ପାଇଁ ଶାରୀରିକ ସମ୍ପର୍କ ଦାବି ଘଟଣା**

କଳାହାଣ୍ଡି ଜିଲା ମଦନପୁର ରାମପୁର ବ୍ଲକ ସାଲେପାଲିର ଜଣେ ଅନୁସୂଚୀତ ଜାତି ଯୁବତୀଙ୍କୁ ଆବାସ ଗୃହ ଯୋଗାଇ ଦେବା ପ୍ରତିବଦଳରେ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିବା ଘଟଣାରେ ସରପଞ୍ଚ ରମେଶଚନ୍ଦ୍ର ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟପଟେ ଘରେ ବାପା ମା' ଉପସ୍ଥିତ ନ ଥିବାରୁ ପୀଡିତା ଭବାନୀପାଟଣା ସ୍ୱଧାର ଗୃହରେ ରହୁଥିଲେ। ଦାଦନ ଖଟିବାକୁ ଯାଇଥିବା ବାପା-ମା' ରାଜକୋଟରୁ ଗାଁକୁ ଫେରିବା ପରେ ଝିଅଙ୍କୁ ଗତ ମଙ୍ଗଳବାର ସନ୍ଧ୍ୟାରେ ନେଇଯାଇଛନ୍ତି। ବର୍ତ୍ତମାନ ପୀଡିତାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୀଡିତାଙ୍କୁ ଆକ୍ରମଣ ଘଟଣାରେ ମାତ୍ର ୨ ଜଣ ଗିରଫ ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ପୋଲିସ ହାତବାନ୍ଧି ବସିଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମଦନପୁର ରାମପୁର ବ୍ଲକ ସାଲେପାଲି ପଞ୍ଚାୟତ ସରପଞ୍ଚ ରମେଶ ଚନ୍ଦ୍ର ସାହୁ ଆବାସ ଯୋଜନାରେ ଘର ପାଇଁ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିବା ଅଭିଯୋଗ ହୋଇଥିଲା। ଗତ ୧୮ ତାରିଖରେ ଥାନାରେ ଅଭିଯୋଗ ସମୟରେ ସରପଞ୍ଚଙ୍କ ସମର୍ଥକମାନେ ପୋଲିସ ଉପସ୍ଥିତିରେ ପୀଡିତାଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ମଦନପୁର ରାମପୁର ଥାନା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ମାଝିଙ୍କୁ ପଚାରିବାରୁ ପୀଡିତା ସ୍ୱଧାର ଗୃହରୁ ଘରକୁ ଆସିଛନ୍ତି। କିନ୍ତୁ ଆମକୁ କୌଣସି ସୂଚନା ଦେଇ ନ ଥିବା ବେଳେ ପୀଡିତାଙ୍କୁ ପରିବାର ପକ୍ଷରୁ ମଧ୍ୟ ଆମକୁ ଅବଗତ କରାଯାଇନାହିଁ। ପୀଡିତାଙ୍କୁ ଆକ୍ରମଣ ଘଟଣାରେ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବାରୁ ସେମାନଙ୍କୁ ଗିରଫ କରାଯାଇନାହିଁ। ସରପଞ୍ଚ ଗିରଫ ଘଟଣାର ତଦନ୍ତ ଅଧିକାରୀ ଡିଏସ୍‌ପି ଗୁପ୍ତେଶ୍ୱର ଭୋଇଙ୍କୁ ପଚାରିବାରୁ, ତଦନ୍ତ ଚାଲିଛି କିନ୍ତୁ ଚାର୍ଜସିଟ୍ ପଠାଯାଇନାହିଁ ବୋଲି କହିଛନ୍ତି।

# କପା, ମକା ମଣ୍ଡି ଖୋଲିବା ଦାବି ଜୋର ଧରିଲା

**ତରବୋଡ, ୨୫।୧୧ (ଡି.ଏନ.ଏ.)**




ଚାଷୀମାନେ ତରବୋଡଠାରେ ୩୫୩ ନଂ. ଜାତୀୟ ରାଜପଥ ଅବରୋଧ କରିଛନ୍ତି।

- ୨ ଘଣ୍ଟା ଜାତୀୟ ରାଜପଥ ଅବରୋଧ
- ୭ ଦିନ ସମୟ ଦେଲେ ଚାଷୀ
- ମଣ୍ଡି ନ ଖୋଲିଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜରାସ୍ତା ବନ୍ଦ

ନୂଆପଡ଼ା ଜିଲାରେ ମକା ଓ କପା ମଣ୍ଡି ଖୋଲିବା ପାଇଁ ଗତ ୭ ବର୍ଷ ହେବ ଦାବି ହୋଇ ଆସୁଛି । ହେଲେ ବିଭାଗୀୟ ଅଧିକାରୀମାନେ ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଏହାର ପ୍ରତିବାଦରେ ବୁଧବାର ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ନେତୃତ୍ୱରେ ଚାଷୀମାନେ ତରବୋଡଠାରେ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ । ୨ ଘଣ୍ଟା ରାସ୍ତା ଅବରୋଧ ପରେ ନୂଆପଡ଼ା ଜିଲାପାଳ ସ୍ୱାଧାଦେବ ସିଂ ଓ ଏସ୍‌ପି ରାହୁଲ ଜୈନ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଚାଷୀମାନେ ନୂଆପଡା ଆସନ୍ତୁ, କଥାବାର୍ତ୍ତା ହୋଇ ମଣ୍ଡିର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା ।

ଆଗାମୀ ୭ ଦିନ ଭିତରେ ଜିଲାର ବିଭିନ୍ନ ସ୍ଥାନରେ ମଣ୍ଡି ନ ଖୋଲିଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜରାସ୍ତା ବନ୍ଦ କରାଯିବ ସହ ସରକାରୀ କଳ ଅଚଳ କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ଯଦୁମଣୀ ପାଣିଗ୍ରାହୀ, ଚାଷୀ ନେତା ଦୟାସାଗର ପ୍ରଧାନ, ଯଦୁ ହଂସ, ହେମଲାଲ ରଣା, ଜୟ ହଂସ, ପାନାଲାଲ ମାଝି, ଗୟା ବାଗ, ରାଜେନ୍ଦ୍ର ଅହୀର, ପଦ୍ମନ ବନଛୋର, ଭାସ୍କର ପ୍ରଧାନ, ସୁରେଶ ବେହେରା, ଯମୁନା ଧରୁଆ, ଅଞ୍ଚଳ ମାଝି, ବୀରସିଂ ମାଝି, ତନୁଧର ମାଝି, ତପସ୍ୟା ବନଛୋର, କୋକିଳ ଚିରାଙ୍ଗୁଳ, କୂଳମଣୀ ମାଝି, ଲଛମନୀ ମାଝି, ବିମଳ ଯୋଶୀ, ଭୁବନେଶ୍ୱର ବାଗ, ନୀଳ ନାଗ ପ୍ରମୁଖ ଉପସ୍ଥିତ ଥିଲେ । ଚଳିତବର୍ଷ ନୂଆପଡା ଜିଲାରେ ୧୦ ହଜାର ହେକ୍ଟର ଜମିରେ ପ୍ରାୟ ୧୪ ହଜାର ଚାଷୀ ମକା ଚାଷ ଏବଂ ୮ ହଜାର ଚାଷୀ ୫ ଶହ ହେକ୍ଟର ଜମିରେ କପା ଚାଷ କରିଛନ୍ତି। ନୂଆପଡ଼ା ଜିଲାରେ ସରକାର କିମ୍ବା ପ୍ରଶାସନ ମକା ଚାଷୀଙ୍କ ପାଇଁ ବଜାର ବ୍ୟବସ୍ଥା କିମ୍ବା ଚାଷୀଙ୍କୁ ଉଚିତ ମୂଲ୍ୟ ଦେବାକୁ ପୂର୍ବ ପ୍ରସ୍ତୁତି କରିନାହାନ୍ତି। ଗାଁ ଗାଁରେ ଚାଷୀ ମକା କିଲୋପ୍ରତି ୮ରୁ ୧୦ ଟଙ୍କାରେ ବିକ୍ରି କରି କ୍ଷତି ସହୁଛନ୍ତି। ବର୍ତ୍ତମାନ ଧାନ, ମକା, କପା ଏକା ସାଙ୍ଗରେ ଉତ୍ପାଦନ ହୋଇଥିବାରୁ ଚାଷୀ ସେହି ଫସଲକୁ ସାଇତି ରଖିବାକୁ ସ୍ଥାନ ପାଉନାହିଁ। ଘରେ, ବାହାରେ କିମ୍ବା ଜମିରେ ଉତ୍ପାଦିତ ଫସଲ ପଡି ରହିଛି। ଲଘୁଚାପ ବା ଅଦିନିଆ ବର୍ଷା ହେଲେ ତାହା ପଚିସଢ଼ି ନଷ୍ଟ ହେବାର ଭୟ ରହିଛି। ହାତ ଉଧାରି ବା କରଜ ଆଣିଥିବା ମହାଜନମାନେ ଚାଷୀଙ୍କୁ ଟଙ୍କା ପାଇଁ ତରବର କରୁଥିବାରୁ ବାଧ ହୋଇ ଚାଷୀ କମ ଦରରେ ମକା ଓ କପା ବିକ୍ରି କରୁଛନ୍ତି । ଗତ ୪ ଦିନ ତଳେ ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ପକ୍ଷରୁ ଯଦୁମଣି ପାଣିଗ୍ରାହୀ ଜିଲାପାଳଙ୍କ ସହିତ ଆଲୋଚନା କରି ଏ ନେଇ ଦାବିପତ୍ର ପ୍ରଦାନ କରିଥିଲେ। ହେଲେ କୌଣସି ସୁବ୍ୟବସ୍ଥା ନ ହେବାରୁ ବୁଧବାର ସଂଗ୍ରାମ ପରିଷଦ ନେତୃତ୍ୱରେ ଚାଷୀମାନେ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ ।

## ନିର୍ମାଣ ସଂଘର ୧୦ ଦଫା ଦାବିପତ୍ର

ଭବାନୀପାଟଣା, (ଡି.ଏନ.ଏ.): ବୁଧବାର ଭାରତୀୟ ମଜଦୁର ସଂଘ ସହ ସଂଲଗ୍ନ ଓଡ଼ିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ ପକ୍ଷରୁ ୧୦ ଦଫା ଦାବିପତ୍ର କଳାହାଣ୍ଡି ଜିଲାପାଳଙ୍କ ଜରିଆରେ ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ସଚିବ ତଥା କମିଶନରଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ନିର୍ମାଣ ଶ୍ରମିକମାନଙ୍କୁ ଦିଆଯାଇଥିବା ୧୫୦୦ ଟଙ୍କା ସହାୟତା ଅଦ୍ୟାବଧି ଅନେକ ଶ୍ରମିକ ପାଇନାହାନ୍ତି। ସେମାନଙ୍କୁ ତୁରନ୍ତ ଦେବା ବ୍ୟବସ୍ଥା କରାଯାଇ ସ୍ଥଗିତ ଥିବା ନୂତନ କାର୍ଡସବୁ ବଣ୍ଟନ, ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ସହାୟତା ଯୋଗାଇ ଦେବା, ଶ୍ରମ କାର୍ଯ୍ୟାଳୟରେ ଖାଲିଥିବା ପଦବୀ ପୂରଣ ଆଦି ଦାବି କରାଯାଇଛି।

### ସଂକ୍ଷେପରେ

## ବଳଭଦ୍ରେଶ୍ୱର ମହାଦେବଙ୍କ ସ୍ଥାବର ସମ୍ପତ୍ତି ପୁନରୁଦ୍ଧାର ପାଇଁ ଦାବିପତ୍ର

ପଲମ, ୨୫।୧୧ (ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ନର୍ଲା ଗ୍ରାମରେ ଅବସ୍ଥିତ ଅତି ପୁରାତନ ଐତିହାସିକ ବଳଭଦ୍ରେଶ୍ୱର ମହାଦେବଙ୍କ ସ୍ଥାବର ସମ୍ପତ୍ତିର ପୁନରୁଦ୍ଧାର ପାଇଁ ନର୍ଲା ସରପଞ୍ଚ ଚିରିବି ଗଉଡିଆଙ୍କ ନେତୃତ୍ୱରେ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ନର୍ଲା ବିଡିଓ ବ୍ୟାସଦେବ ବେହେରାଙ୍କୁ ପ୍ରଦାନ କରାଯାଇଛି। ନର୍ଲା ଶିଶୁ ମନ୍ଦିର ଛକଠାରୁ ଶୋଭାଯାତ୍ରାରେ ସ୍ଥାନୀୟ ସରପଞ୍ଚଙ୍କ ସହ ରୀନାରାଣୀ ପଟ୍ଟନାୟକ, ନାରୀ ନେତ୍ରୀ ପଙ୍କଜିନୀ ନାଏକ, ମନ ସାହୁ, ଚନ୍ଦ୍ରଶେଖର ପୂଝାରୀ, ଦଣ୍ଡସେନା ପୂଝାରୀ, ଦିଗାମ୍ବର ସାହୁ, ମଝିଆ ମାଝି, ନୀଳକଣ୍ଠ ମାଝି ଓ ଗ୍ରାମର ଶତାଧିକ ଲୋକ ବ୍ଲକ ସମ୍ମୁଖରେ ଏକତ୍ର ହୋଇ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପୁରାତନ ଐତିହାସିକ ପୀଠରେ ରୀତିନୀତି ଅନୁସାରେ ବାର୍ଷିକ ଉତ୍ସବ ଠିକ୍ ଭାବେ ପାଳନ ହେଉ ନ ଥିବାରୁ ଭକ୍ତଙ୍କ ଭାବାବେଗକୁ ଆଘାତ ଲାଗିଛି।

## ଅନୁଯୋଜନା କାର୍ଯ୍ୟକାରୀ ସମିତି ଗଠିତ

ବିନିକା, ୨୫।୧୧(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଜଙ୍ଗଲ ସୁରକ୍ଷା ସମିତି ସଭ୍ୟାସଭ୍ୟଙ୍କଦ୍ୱାରା ଅନୁଯୋଜନା କାର୍ଯ୍ୟକାରୀ ସମିତି ଗଠିତ ହୋଇଛି। ଜଙ୍ଗଲ ସୁରକ୍ଷା ପାଇଁ ପ୍ରଦତ୍ତ ଆର୍ଥିକ ଅନୁଦାନ କିଭଳି ଅଞ୍ଚଳର ଅନୁନ୍ନତ ବର୍ଗ ଲୋକଙ୍କ ଆର୍ଥିକ ଉନ୍ନତିରେ ସହାୟକ ହେବ, ଲଘୁଜାତ ଦ୍ରବ୍ୟର ଚାହିଦା ବୃଦ୍ଧି ହେବ ସେ ନେଇ ଏହି ସମିତି କାମ କରିବ। ସିଂଘିଯୁବା ଜଙ୍ଗଲ ସୁରକ୍ଷା ସମିତି ସଭାପତି ଭଗବାନ ସେଠୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ରାଜୀବ ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନୂତନ ସମିତିର ଦାୟିତ୍ୱ, କର୍ତ୍ତବ୍ୟବୋଧ ବିଷୟରେ ଦିଗଦର୍ଶନ ପ୍ରଦାନ କରିଥିଲେ ବିନିକା ବନାୟନ ସଂଯୋଜକ ବାସୁଦେବ ପଧାନ ଓ ପ୍ରେମଚାନ୍ଦ ସାହୁ। ବୈଠକରେ ସିଂଘିଯୁବା ଅନୁଯୋଜନା କାର୍ଯ୍ୟକାରୀ ସମିତିର ସଭ୍ୟାସଭ୍ୟ ଭାବେ ୧୦ ପୁରୁଷ ଏବଂ ୭ଜଣ ମହିଳାଙ୍କୁ ଚୟନ କରାଯାଇଛି। ଶେଷରେ ଲିଙ୍ଗରାଜ ଅମାତ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କୁଲ ବନ୍ଦ ନିଷ୍ପତ୍ତି ବିରୋଧରେ ବିକ୍ଷୋଭ

ବଲାଙ୍ଗୀର ଅଫିସ, ୨୫।୧୧: ବଲାଙ୍ଗୀର ଜିଲାର ୩୭୫ଟି ସ୍କୁଲରେ କମ୍ ଛାତ୍ର ଥିବା ଦର୍ଶାଇ ରାଜ୍ୟ ସରକାର ଉକ୍ତ ସ୍କୁଲଗୁଡିକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ବିରୋଧରେ ବୁଧବାର ଜିଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ସରକାର ବେଆଇନ ଭାବେ ଗରିବ ଅବହେଳିତ ଛାତ୍ରୀଛାତ୍ରଙ୍କ ଶିକ୍ଷା ଅଧିକାରକୁ ଛିନ୍ନ କରୁଛନ୍ତି ବୋଲି ଅଭିଯୋଗ କରାଯାଇ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରିଙ୍କୁ ପ୍ରଦାନ କରାଯାଇଥିଲା।

## ଧାନକ୍ରୟ ବ୍ୟବସ୍ଥାର ତଦାରଖ କଲେ ତହସିଲଦାର

ଦେଓଗାଁ,୨୫।୧୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ପ୍ୟାକ୍ସକୁ ବୁଧବାର ସ୍ଥାନୀୟ ତହସିଲଦାର ନାରାୟଣ ସାହୁ ପରିଦର୍ଶନ କରି ଧାନକ୍ରୟ ବ୍ୟବସ୍ଥାର ତଦାରଖ କରିଥିଲେ। ପ୍ୟାକ୍ସ ସମ୍ପାଦକ ରଘୁମଣି ବାରିକ ଓ ଡାଟା ଏଣ୍ଟ୍ରି ଅପରେଟର ଶ୍ରୀକାନ୍ତ ସାହୁଙ୍କ ସହ ଚାଷୀଙ୍କ ଟୋକନ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଚାଷୀ ଯେପରି ଠିକ୍ ସମୟରେ ଟୋକନ ପାଇପାରିବ ଓ ଦିନକ ମଧ୍ୟରେ ଉଠିପାରିବ ତାହା ଉପରେ ଧ୍ୟାନ ଦେବାକୁ ତହସିଲଦାର ସାହୁ କହିଥିଲେ। ଏହି ଅବସରରେ ଧାନର ଏଫଏକ୍ୟୁ ମାନ ନିର୍ଦ୍ଧାରଣ କରୁଥିବା ଶ୍ରୀରାମ ପଧାନଙ୍କ ସହ ସେ ଆଲୋଚନା କରିଥିଲେ। ବୁଧବାର ଚାଷୀ ରବିନ୍ଦ୍ର ସାଙ୍କ ୭୦ କୁଇଣ୍ଟାଲ ଓ ସମୀର ସାହୁଙ୍କ ୪୫ କୁଇଣ୍ଟାଲ ଧାନକ୍ରୟ ହୋଇଥିଲା। ଚଳିତବର୍ଷ ଏହି ପ୍ୟାକ୍ସରେ ଆଦିଶକ୍ତି ରାଇସ ମିଲ୍, ଲୋକନାଥ, ସମଲେଶ୍ୱରୀ, ଜୟ ହନୁମାନ, ବିକାଶ ଓ ସରସ୍ୱତୀ ରାଇସ ମିଲ୍ ଟ୍ୟାଗ ହୋଇଛନ୍ତି।

# ବୌଦ୍ଧ ଜିଲାରେ ଧାନକିଣା ଆରମ୍ଭ

କନ୍ଧମାଳ/ମନମୁଣ୍ଡା, ୨୫।୧୧(ଡି.ଏନ.ଏ.)



ଧାନ କିଣା ପାଇଁ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥିମାନେ।

**ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଧାନ କ୍ରୟ ହେବ - ଜିଲାପାଳ**

ବୌଦ୍ଧ ଜିଲା କନ୍ଧମାଳ ବ୍ଲକର ମନମୁଣ୍ଡା ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ବୁଧବାର ଜିଲାର ପ୍ରଥମ ଧାନକ୍ରୟ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ୭୯ ହଜାର ୪୧୧ କୁଇଣ୍ଟାଲ ଧାନ କିଣାଯିବ ବୋଲି ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ସଭାପତିତ୍ୱ କରି କହିଥିଲେ ଯେ, ଧାନ ବିକ୍ରୟ ପରେ ଚାଷୀ କିପରି ଉପଯୁକ୍ତ ମୂଲ୍ୟ ପାଇବେ ଏହା ନିଶ୍ଚିତ କରିବାକୁ ସରକାରୀ ନିର୍ଦ୍ଦେଶନାମା ପାଳନ କରାଯିବ। ଜିଲାପାଳ ମିଶ୍ର ଏଫ.ଏ.କ୍ୟୁ ଧାନ ବିକ୍ରୟ ନିମନ୍ତେ ଚାଷୀଙ୍କୁ ସହଯୋଗ କରିବାକୁ କହିଥିଲେ। ଏଥିସହ ପ୍ଲାଷ୍ଟିକ ବ୍ୟାଗର ବିକଳ୍ପ ବ୍ୟବସ୍ଥା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ସଭାରେ ଜିଲା ଯୋଗାଣ ଅଧିକାରୀ ବିଭୁ ପ୍ରସାଦ ଆଚାର୍ଯ୍ୟ ଯୋଗଦେଇ କହିଥିଲେ ଯେ, ଉଚିତ୍ ମାନର ଧାନ ସଂଗ୍ରହ ପାଇଁ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରା ଯାଇଛି। ଚାଷୀମାନେ ମଣ୍ଡିରେ ଯେପରି ଧାନ ବିକ୍ରୟ ପାଇଁ ଅପେକ୍ଷା କରିବେ ନାହିଁ ତାର ବ୍ୟବସ୍ଥା କରାଯିବ। ପ୍ରକଳ୍ପ ନିର୍ଦ୍ଦେଶକ ଶଶାଙ୍କ ଶେଖର ଦାସ କହିଥିଲେ, ଧାନ କ୍ରୟର ଉଚିତ୍ ପ୍ରାପ୍ୟ ପାଇବା ଦିଗରେ ପ୍ରଶାସନ ଦୃଷ୍ଟି ଦେବ। ଏଆରସିଏସ ଭୀମସେନ ସାହୁ କନ୍ଧମାଳ ବ୍ଲକର ୪ଟି ପ୍ୟାକ୍ସ ମନମୁଣ୍ଡା,କନ୍ଧମାଳ, କୁଲତାଯୋର, ଲୋକପଡା ମଣ୍ଡିରେ ଧାନ କ୍ରୟ ହୋଇଥିବା ନେଇ ସୂଚନା ଦେଇଥିଲେ। ଅପରପକ୍ଷରେ ମିଲର ଅଶୋକ ଅଗ୍ରୱାଲ ଏଫଏକ୍ୟୁ ମାନର ଧାନ ଦେଲେ ଉଠାଣରେ ଅସୁବିଧା ହେବ ନାହିଁ ବୋଲି କହିଥିଲେ। କୃଷକ ସଂଗଠକ ଆଦିତ୍ୟ ପ୍ରଧାନ ଅଖା ବସ୍ତା କିଣିବା ଓ ଏଫଏକ୍ୟୁ ମାନର ଧାନ ପାଇଁ ଧାନ ଉଡା ଯନ୍ତ୍ର ପ୍ରତି ପ୍ୟାକ୍ସରେ ସ୍ଥାପନ କରିବାକୁ ଦାବି କରିଥିଲେ। ଗତ ଖରିଫ ଋତୁରେ ୨୭ ହଜାର ୩୨୮ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଚଳିତ ଖରିଫରେ ୩୪ ହଜାର ୩୫୦ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଚଳିତ ଖରିଫରେ ଜିଲାର ବଡିଗାଁ ପ୍ୟାକ୍ସ ଅଧୀନ ମୁର୍ଷୁଂଡି ଠାରେ ଏକ ନୂତନ ମଣ୍ଡି ଖୋଲାଯାଇ ଧାନ କିଣାଯିବ ବୋଲି ସୂଚନା ମିଳିଛି। ଜିଲାରେ ୪୨ ପ୍ୟାକ୍ସ ସମେତ ୫୯ ଧାନକ୍ରୟ କେନ୍ଦ୍ର ଥିବା ବେଳେ ଚଳିତବର୍ଷ ଏହା ୬୦କୁ ବୃଦ୍ଧି କରାଯାଇଛି। ଧାନ କ୍ରୟ ସମୟରେ ଧାନ ବିକ୍ରି କରିଥିବା ଚାଷୀ ଗୌରୀ ନନ୍ଦନ ଦାନି ଅଭିଯୋଗ କରିଛନ୍ତି ଯେ, ବଜାର ପ୍ରାଙ୍ଗଣରେ ଗୋଟେ ଧାନଉଡା ମେଶିନ୍ କାମ କରୁନାହିଁ। ଆଉ ଗୋଟେ ଛୋଟ ମେଶିନ୍‌ରେ ଧାନ ଉଡାଇଲା ପରେ କୁଇଟାଲ ପିଛା ୩ କେଜି କଟ୍‌ନୀ ଛଟ୍‌ନୀରେ ଧାନ ଉଠିଛି।

## ଚଳନାମୁଣ୍ଡା ଫୁଟବଲ: କିଞ୍ଜିରକେଲା ଚାମ୍ପିୟନ

ବଡ଼ଗାଁ, ୨୫।୧୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟ ଚଳନାମୁଣ୍ଡାଠାରେ ସ୍ଥାନୀୟ ତ୍ରିଶୂଳ କ୍ଲବ ପକ୍ଷରୁ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ୨୦ ତାରିଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶିବଶଙ୍କର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଶୁଭାରମ୍ଭ କରିଥିଲେ। ୩୫ଟି ଫୁଟବଲ ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ କିଞ୍ଜିରକେଲା ଫ୍ରି ଫାୟାର ଲଭର ଓ ମହପଡା ମଧ୍ୟରେ ହୋଇଥିଲା। ଟ୍ରାଇବ୍ରେକର ଜରିଆରେ ୩-୨ ଗୋଲରେ କିଞ୍ଜିରକେଲା ଦଳ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଏଡଭୋକେଟ ଦେବାଶିଷ ମିଶ୍ର ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ସମ୍ପାଦକ ଅରୁଣ ଦିକ୍ଷୀତ, ନାଏବ ସରପଞ୍ଚ କେଶବ କର୍ସେଲ, ପୂର୍ବତନ ସରପଞ୍ଚ ବସନ୍ତ ଡନସନା ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚାମ୍ପିୟନ କିଞ୍ଜିରକେଲା ଦଳକୁ ୧୦ ହଜାର ଟଙ୍କା ସହିତ କପ୍, ରନର୍ସ ଦଳ ମହପଡା ଦଳକୁ ୭ ହଜାର ଟଙ୍କା ସହିତ କପ୍, ସେମିଫାଇନାଲର ଉପବିଜେତା ଜେଡି ବ୍ରଦର୍ସ ଲଟାପଡା ଦଳକୁ ୩ ହଜାର ଟଙ୍କା ସହିତ ଟ୍ରଫି ଓ ଉପବିଜେତା ବ୍ଲକପଡା ଦଳକୁ ୨ ହଜାର ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା।

## ୫୪ ଏକର ଜମିର ଗଞ୍ଜେଇ ଗଛ ନଷ୍ଟ

ବୌଦ୍ଧ,୨୫।୧୧(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ଗଞ୍ଜେଇ ଚାଷ ଓ ବେପାର ଥମିବାର ନାଁ ନେଉନି। ଜିଲାରେ ପ୍ରତିବର୍ଷ ଗଞ୍ଜେଇ ଚୋରା କାରବାର ସମ୍ପର୍କିତ ମାମଲା ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ବୌଦ୍ଧ ଅବକାରୀ ବିଭାଗ ପକ୍ଷରୁ ବ୍ରାହ୍ମଣପାଲି ପଞ୍ଚାୟତର ଲକ୍ଷ୍ମୀପୁର ସଂରକ୍ଷିତ ଜଙ୍ଗଲରେ ଚଢାଉ କରାଯାଇ ୫୪ ଏକରରେ ଲଗା ହୋଇଥିବା ୧ ଲକ୍ଷ ୬୨ ହଜାର ଗଛ କାଟି ପୋଡି ଦିଆଯାଇଛି। ନଷ୍ଟ ହୋଇଥିବା ଗଞ୍ଜେଇ ଗଛର ମୂଲ୍ୟ ୧୬ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଏହି ଚଢାଉରେ ଅବକାରୀ ଇନ୍ସପେକ୍ଟର ବିଜୟ ଧାରୁଆ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।



ବୁଧବାର ସମ୍ବଲପୁର ଝାଡୁଆପଡା ବ୍ରହ୍ମପୁରା ଠାକୁରଙ୍କ ଲକ୍ଷ୍ମୀନାରାୟଣ ବେଶ।

## ବାର୍ ଆସୋସିଏଶନ୍‌ର ନିର୍ବାଚନ ପ୍ରକ୍ରିୟା ଆରମ୍ଭ

ସମ୍ବଲପୁର, ୨୫।୧୧ (ବ୍ୟୁରୋ)

**ନାମାଙ୍କନପତ୍ର ଦାଖଲ କଲେ ପ୍ରାର୍ଥୀ**

ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ମଙ୍ଗଳବାର ଓ ବୁଧବାର ଦୁଇ ଦିନ ନାମାଙ୍କନପତ୍ର ଦାଖଲ କରିବା ଶେଷ ଦିନ ଥିଲା। ବିଭିନ୍ନ ପଦରେ ୧୨ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡିଛି। ପର୍ଯ୍ୟାୟକ୍ରମେ ଯାଞ୍ଚ, ପ୍ରତ୍ୟାହାର କରିବା ଦିନଗୁଡିକ ରହିଛି। ଆସନ୍ତା ଡିସେମ୍ବର ୧୨ରେ ନିର୍ବାଚନ ହେବ। ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ୨୦୨୦ରୁ ନିର୍ବାଚିତ ପ୍ରତିନିଧିମାନଙ୍କ ସମୟ କାଳ ସରିଥିଲା। ହେଲେ କୋଭିଡ କଟକଣା ଯୋଗୁ ନିର୍ବାଚନ ହୋଇ ନ ଥିଲା। ଅସ୍ଥାୟୀ ଭାବେ ଏକ କମିଟି ଗଠନ କରି ସଂଘ ପରିଚାଳନା କରାଯାଉଥିଲା। କେତେକ ଓକିଲ ନିର୍ବାଚନ କରି ସ୍ଥାୟୀ ପ୍ରତିନିଧି ଚୟନ କରିବା ପାଇଁ ହାଇକୋର୍ଟରେ ଅନୁରୋଧ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଡିସେମ୍ବର ୧୨ ସୁଧା ରାଜ୍ୟର ସମସ୍ତ ବାରଗୁଡିକରେ ନିର୍ବାଚନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ବାର କାଉନସିଲ ପକ୍ଷରୁ ନିର୍ବାଚନ ପକ୍ରିୟା ଦିନ ଧାର୍ଯ୍ୟ କରାଯାଇ ସମସ୍ତ ବାରଗୁଡିକୁ ସୂଚନା ଦିଆଯାଇଥିଲା। ଜିଲାରେ ଏହି ନିର୍ବାଚନକୁ ନେଇ ରାଜନୀତି ସରଗରମ୍ ହୋଇ ଉଠିଛି। ପ୍ରତିନିଧିମାନେ ନିଜ ସମର୍ଥକ ଜୁଟାଇବାରେ ଚେଷ୍ଟା ଆରମ୍ଭ କରି ଦେଇଛନ୍ତି।

## ନାବାଳିକାକୁ ବଳାତ୍କାର ଉଦ୍ୟମ, ୪ କୋର୍ଟ ଚାଲାଣ

ଲହୁଣୀପଡା, ୨୫।୧୧ (ଡି.ଏନ.ଏ)

ନାବାଳିକାକୁ ପ୍ରଲୋଭନ ଦେଖାଇ ଜଙ୍ଗଲ ଭିତରେ ବଳାତ୍କାର ଉଦ୍ୟମ କରିବାରୁ ଜୀବନ ବିକଳରେ ନାବାଳିକା ଜଣକ ଦୌଡି ପଳାଉଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଆହତ ହୋଇଛନ୍ତି। ସେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଘଟଣାରେ ସମ୍ପୃକ୍ତ ଥିବା ନାବାଳକ ସମେତ ଚାରିଜଣଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ଲହୁଣୀପଡା ଥାନା ଅନ୍ତର୍ଗତ କୁଡେଇକଳା ପଞ୍ଚାୟତ ଅଞ୍ଚଳର ଜନୈକା ନାବାଳିକା ନିକଟସ୍ଥ ଫଟାଟାଙ୍ଗର ଗ୍ରାମର କେତେକ ଲୋକଙ୍କ ସହିତ ଧାନ କାଟିବାକୁ ଆସିଥିଲେ। ଏମାନଙ୍କୁ ଦଲମକୁଟା ଗ୍ରାମର ରୋଜାନ ଓରାମ (୨୮) ନିଜ ଅଟୋ ଓଡି ୧୪ ଏନ- ୨୩୧୪ ଯୋଗେ ସକାଳେ ଓ ସନ୍ଧ୍ୟାରେ ଧାନ କାଟିବା ପାଇଁ ନେବା ଆଣିବା କରୁଥିଲେ। ଗତ ୨୩ ତାରିଖ ସନ୍ଧ୍ୟାରେ ସମସ୍ତ ଶ୍ରମିକଙ୍କୁ ଫଟାଟାଙ୍ଗର ନେବା ବେଳେ ନାବାଳିକାକୁ ବାସୁବାହାଲ ଗ୍ରାମରେ ନ ଓହ୍ଲାଇ ନାବାଳକ ସହିତ ଫଟାଟାଙ୍ଗର ଗ୍ରାମକୁ ନେଇଯାଇଥିଲେ। ଫଟାଟାଙ୍ଗର ଗ୍ରାମର ଲୋକମାନଙ୍କୁ ଓହ୍ଲେଇ ଦେଇ ନାବାଳିକାକୁ ସାଙ୍ଗରେ ନେଇ ଫେରିବା ବେଳେ ଗୁହାଳଡିହି ଜଙ୍ଗଲ ଭିତରକୁ ନେଇ ଯାଇଥିଲେ। ଦଲମକୁଟା ଗ୍ରାମର ଅଜିତ ମୁଣ୍ଡା (୨୦), ଆବିସାଲାମ ମୁଣ୍ଡା (୨୨)ଙ୍କୁ ଫୋନ ଯୋଗେ ଡାକି ନାବାଳିକାକୁ ବଳାତ୍କାର ଉଦ୍ୟମ କରିଥିଲେ। ଫଳରେ ନାବାଳିକା ଜଣକ ଜୀବନ ବିକଳରେ ଜଙ୍ଗଲ ଭିତରେ ଦୌଡି ଥିଲେ। କୌଣସି ମତେ ଘରକୁ ଆସି ଘଟଣା ସମ୍ପର୍କରେ କହିବାରୁ ପରିବାର ଲୋକ ଲହୁଣୀପଡା ଥାନାରେ ଅଭିଯୋଗ କରିବା ସହିତ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିବା ସହିତ ଘଟଣାର ବ୍ୟବହୃତ ହୋଇଥିବା ଅଟୋ, ମୋବାଇଲ ଜବତ କରି ନାବାଳକ ସମେତ ଚାରି ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି।

## ଦନ୍ତା ଆକ୍ରମଣରେ ଯୁବକ ଗୁରୁତର

କୁଆଁରମୁଣ୍ଡା, ୨୫।୧୧(ଡି.ଏନ.ଏ.)

**କୁଆଁରମୁଣ୍ଡା ରେଞ୍ଜ ଅଞ୍ଚଳରେ ବଢୁଛି ହାତୀ ଉପଦ୍ରବ**

ସୁନ୍ଦରଗଡ଼ ଜିଲା ରାଉରକେଲା ବନଖଣ୍ଡ କୁଆଁରମୁଣ୍ଡା ରେଞ୍ଜ ଅଞ୍ଚଳରେ ଏବେ ବଢିଚାଲୁଛି ବଣୁଆ ହାତୀପଲର ଉପଦ୍ରବ। ଏହି ବ୍ଲକର କଚାରୁ ବନାଞ୍ଚଳ ଅନ୍ତର୍ଗତ ହରପାଲି ଗ୍ରାମରେ ମଙ୍ଗଳବାର ରାତି ସାଢେ ୭ଟାରେ ଏକ ଦନ୍ତାହାତୀ ଆକ୍ରମଣରେ ବିହାନୋ ଗଞ୍ଜୁ(୩୫) ନାମକ ଜଣେ ଯୁବକ ଆହତ ହୋଇଛନ୍ତି। ହାତୀ ଉକ୍ତ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘର ଭାଙ୍ଗିଥିଲା। ଏହି ସମୟରେ ବିହାନୋ ଘରକୁ ଫେରୁଥିବାବେଳେ ହଠାତ୍ ଉକ୍ତ ହାତୀ ହାବୁଡରେ ପଡିଯାଇଥିଲେ। ହାତୀ ବିହାନୋଙ୍କୁ ଶୁଣ୍ଢରେ ଟେକି ଫୋପାଡି ଦେଇ ପଳାଇଯାଇଥିଲା। ଘଟଣାସ୍ଥଳରେ ବିହାନୋ ଗୁରୁତର ହୋଇପଡିଥିବା ବେଳେ ଗାଁ ଲୋକେ ଦେଖି ତାଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣା ବିଷୟରେ ଗାଁ ଲୋକେ କୁଆଁରମୁଣ୍ଡା ବନବିଭାଗକୁ ଖବର ଦେଇଥିଲେ। ହେଲେ ବନ କର୍ମଚାରୀମାନେ ୨ଘଣ୍ଟା ପରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବନ କର୍ମଚାରୀମାନେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଉରକେଲା ସରକାରୀ ଡାକ୍ତରଖାନା ନେଇଥିଲେ।

ଏହି ବନାଞ୍ଚଳରେ ହାତୀ ପଶି ଉପଦ୍ରବ ଚଳାଇଥିବାବେଳେ କୌଣସି ବନକର୍ମଚାରୀ ଏପରିକି ଫରେଷ୍ଟ ବିଟ୍ ହାଉସ୍‌ରେ ବନରକ୍ଷୀ ମଧ୍ୟ ଉପସ୍ଥିତ ନ ଥିଲେ। ଫଳରେ ଉକ୍ତ ସେକ୍ସନରେ ହାତୀ ଅଛି କି ନାହିଁ ସେ ଖବର ବନ ବିଭାଗ ପାଖରେ ନ ଥିଲା। ଗାଁ ଲୋକେ ଖବର ଦେବାରୁ ବିଳମ୍ବରେ ବନବିଭାଗ କର୍ମଚାରୀମାନେ ପହଞ୍ଚିଥିଲେ। ଏନେଇ କଚାରୁ ବନପାଳ ସୁଳପାଣି ଦାସଙ୍କୁ ପଚାରିବାରୁ ସେ ଏହାକୁ ଦ୍ୱିଧାର ସହ ମାନିଛନ୍ତି। ଘଟଣାବେଳେ ବନରକ୍ଷୀ ଫରେଷ୍ଟ ବିଟ୍ ହାଉସ୍‌ରେ ନ ଥିଲେ ବୋଲି ମଧ୍ୟ ବନପାଳ ଦାସ ସ୍ୱୀକାର କରିଥିଲେ। ବନରକ୍ଷୀଙ୍କୁ ଅନେକ ସମୟରେ ରେଞ୍ଜର ବିଭିନ୍ନ କାମରେ ଡାକୁଥିବାରୁ ସେ ବିଟ୍ ହାଉସ୍‌ରେ ସବୁବେଳେ ରହିପାରୁ ନାହାନ୍ତି ବୋଲି ସେ କହିଥିଲେ। ମାତ୍ର ବିଟ୍ ହାଉସ୍‌ରେ ନ ରହି ବନରକ୍ଷୀଙ୍କୁ ରେଞ୍ଜ କାର୍ଯ୍ୟାଳୟକୁ ଡକାଯାଉଛି ନାଁ ସେ ନିଜେ ବାହାନା କରି ରେଞ୍ଜକୁ ଯାଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ନେଇ ରାଉରକେଲା ଏସିଏଫ ଦିଲ୍ଲୀପ କୁମାର ସାହୁଙ୍କୁ ଯୋଗାଯୋଗ କରିବାରୁ ରାତି ସମୟରେ ଫରେଷ୍ଟ ବିଟ୍‌ରେ ଫରେଷ୍ଟ ଗାର୍ଡ ନିଶ୍ଚିତ ଭାବେ ରହିବା କଥା। ମାତ୍ର ଏ ନେଇ ସମ୍ପୃକ୍ତ ରେଞ୍ଜ ଅଧିକାରୀଙ୍କୁ ପଚାରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି କହିଥିଲେ।

## ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବୌଦ୍ଧ,୨୫।୧୧(ସ୍ୱ.ପ୍ର.)

**ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା**

ବୌଦ୍ଧ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ବୁଧବାର ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ଭେଟି ଜିଲାର ୩ ବ୍ଲକ ଓ ଗୋଟିଏ ଏନଏସିରେ ହୋଇଥିବା ଆବାସ ଦୁର୍ନୀତିର ତଦନ୍ତ ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ ୭ ଦିନ ଭିତରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ନେତା ମାଗୁଣି ଗାଇଗୌରିଆ, ସୁଶାନ୍ତ ବାଘ, ସତ୍ୟାନନ୍ଦ ପାଣ୍ଡେ, ମନୋରଞ୍ଜନ ଦାସ ଓ ନମିତାରାଣୀ ଦାସ ଉପସ୍ଥିତ ଥିଲେ।

## ପାହାଡ଼ ଚଢ଼ି ସରାଡିଖୋଲ ପହଞ୍ଚିଲେ ହରଭଙ୍ଗା ବିଡିଓ

ହରଭଙ୍ଗା,୨୫।୧୧(ଡି.ଏନ.ଏ.)



ବିଡିଓ ପାହାଡ ଚଢି ସରାଡିଖୋଲ ଗାଁକୁ ଯାଉଛନ୍ତି।

ଲୋକଙ୍କ ସମସ୍ୟା ବୁଝିବା ପାଇଁ ହରଭଙ୍ଗା ବିଡିଓ ନୀଳକଣ୍ଠ ବେହେରା ଦୀର୍ଘ ୪ କିଲୋମିଟର ପାହାଡ ଚଢି ସରାଡିଖୋଲ ଗ୍ରାମକୁ ଯାଇଥିଲେ। ଛତ୍ରଙ୍ଗ ପଞ୍ଚାୟତର ଏହି ଗ୍ରାମରେ ୧୨ରୁ ୧୫ ପରିବାରର ପ୍ରାୟ ୮୦ ଲୋକ ବହୁଦିନରୁ ବସବାସ କରି ଆସୁଛନ୍ତି। ଆଜି ପର୍ଯ୍ୟନ୍ତ ଗ୍ରାମକୁ ବିଜୁଳି ସଂଯୋଗ ହୋଇନାହିଁ। ରାସ୍ତା ନ ଥିବା ବେଳେ ପିଇବା ପାଣିର ସୁବିଧା ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ଉକ୍ତ ଗ୍ରାମ ବହୁ ଦୂରରେ। ଗ୍ରାମକୁ ଯିବାକୁ ହେଲେ ପଡେ ପାହାଡ। ପ୍ରାୟ ୪ କିଲୋମିଟରରୁ ଅଧିକ ଦୂର ପାହାଡ ଉପରେ ଚଢି ଚଢି ଗଲେ ପଡିଥାଏ ସରାଡିଖୋଲ। ସରକାରୀ ଯୋଜନାର ସୁଫଳ ପାଇବାରୁ ବର୍ଷ ବର୍ଷ ଧରି ବଞ୍ଚିତ ହୋଇଛନ୍ତି ଗ୍ରାମବାସୀ। ପାହାଡ ଉପରେ ଭାଗ୍ୟ ଓ ଭଗବାନଙ୍କ ଭରସାରେ ଜୀବନ ଜୀଉଁଥିବା ଏହି ଗ୍ରାମର ଲୋକଙ୍କ କଣ ସମସ୍ୟା ରହିଛି ତାହା ବୁଝିବା ପାଇଁ ମଙ୍ଗଳବାର ଅପରାହ୍ନରେ ବିଡିଓ ବେହେରା ନିଜେ ପାହାଡ ଚଢି ଗ୍ରାମରେ ପହଞ୍ଚିଥିଲେ। ଏହି ଗସ୍ତ ବେଳେ ତାଙ୍କ ସହ ସ୍ଥାନୀୟ ସରପଞ୍ଚ ସୁଶିଳ କୁମାର ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ।

## ଏକକ ପିଜି ପ୍ରବେଶିକା ପରୀକ୍ଷାରେ ଆକାଶ ଟପ୍ପର

ଅମରପାଲି,୨୫।୧୧(ଡି.ଏନ.ଏ.)



ଚଳିତବର୍ଷ ପ୍ରଥମ ଥର ପାଇଁ ହୋଇଥିବା ଏକକ ପିଜି ପ୍ରବେଶିକା ପରୀକ୍ଷାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ଆକାଶ ମେହେର ଟପ୍ପର ହୋଇଛନ୍ତି। ସେ ଶିକ୍ଷା ବିଭାଗରେ ୭୩.୬୫ ନମ୍ବର ରଖି ରାଜ୍ୟରେ ପ୍ରଥମ ର୍‍ୟାଙ୍କ ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଆକାଶ ବୀରମହାରାଜପୁର କଲେଜରୁ ଯୁକ୍ତ ୩ ସ୍ନାତକ ଶିକ୍ଷା ବିଭାଗରେ ୭୨.୬ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଆକାଶ ବୀରମହାରାଜପୁର ଉପକଣ୍ଠ ଟାଙ୍ଗରସାହି ଗ୍ରାମର ରସାନନ୍ଦ ମେହେର ଓ ବିନୋଦିନୀ ମେହେରଙ୍କ ପୁଅ। ସେ ବୁଣାକାର ପରିବାରର ହୋଇଥିଲେ ମଧ୍ୟ ତାଙ୍କର ନିଷ୍ଠାପର ଉଦ୍ୟମ ଓ ଶିକ୍ଷକମାନଙ୍କ ପ୍ରେରଣା ଯୋଗୁ ଏହି ସଫଳତା ପାଇଥିବା ପ୍ରକାଶ କରିଛନ୍ତି।

## ଭାରତୀୟ ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ

ସୋନପୁର,୨୫।୧୧(ନି.ପ୍ର.)



ମଜଦୁର ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ୧୦ ଦଫା ଦାବି ନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। କରୋନା ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ନିର୍ମାଣ ଶ୍ରମିକଙ୍କ ପାଇଁ ୧୫ଶହ ଟଙ୍କା ଲେଖାଏଁ ପ୍ରଦାନ ଲାଗି ବ୍ୟବସ୍ଥା ହୋଇଛି। ଏ ପର୍ଯ୍ୟନ୍ତ ସମସ୍ତ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ଉକ୍ତ ସହାୟତା ରାଶି ମିଳିନାହିଁ। ଏହି ଟଙ୍କା ଜିଲାର ବିଭିନ୍ନ ବ୍ଲକ, ମ୍ୟୁନିସିପାଲିଟି ଓ ଏନଏସିରେ ପଡିରହିଛି। ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଏହି ଟଙ୍କା ଫେରସ୍ତ ପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଜିଲା ଶ୍ରମ କାର୍ଯ୍ୟାଳୟଗୁଡିକରେ ଖାଲି ପଡିଥିବା ପଦବୀ ପୂରଣ କରିବା, ନିର୍ମାଣ ଶ୍ରମିକଙ୍କୁ ସାଇକେଲ, ଯନ୍ତ୍ରପାତି, ବିବାହ, ମୃତ୍ୟୁକାଳୀନ, ପ୍ରସବକାଳୀନ, ଚିକିତ୍ସା, ଶିକ୍ଷା ସହାୟତା ପ୍ରଦାନ, ଜିଲାସ୍ତରରେ ନିର୍ମାଣ ଶ୍ରମିକଙ୍କ ଲାଗି ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟାଳୟ ଖୋଲିବା, ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡକୁ ରାଜନୀତିଠାରୁ ଦୂରେଇ ରଖିବା, ତାଲିମ ପ୍ରାପ୍ତ ଶ୍ରମିକଙ୍କୁ ପ୍ରମାଣପତ୍ର ପ୍ରଦାନ ପାଇଁ ଦାବି ହୋଇଛି। ଏହି ଦାବିଗୁଡିକ ପୂରଣ ନ ହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ମଜଦୁର ସଂଘର ଜିଲା ସଭାପତି ମୁରଲିଧର ସାହୁ, ସୂର୍ଯ୍ୟକାନ୍ତ ରାଉଳ, ଉପସଭାପତି ସୁଶାନ୍ତ ପଣ୍ଡା, ସହସମ୍ପାଦକ ଅର୍ଜୁନ ବାଦୀ, ଉପଦେଷ୍ଟା କିଶୋର ହୋତା, ପ୍ରଦୀପ ସାହୁ, ଗୌତମ ପଣ୍ଡା ଓ ଅନ୍ତର୍ଯ୍ୟାମୀ ବଣ୍ଡକି ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

